# DAV PUBLIC SCHOOL POKHARIPUT BHUBANESWAR-20

## ANNUAL EXAMINATION (2021-22)

## CLASS-III

## SUBJECT: ODIA

## DATE-09.03.2022

**TIME-1hr 30 mins** **F.M-40**

**GENERAL INSTRUCTIONS:-**

**(1) This question paper contains 40 questions in MCQ format.**
**(2) Each question has only one correct answer.**
**(3) Read the questions thoroughly.**
**(4) Attempt all the questions.**
**(5) Choose only one correct answer.**
**(6) Verify the answer before submitting.**

**ନିମ୍ନ ଅନୁଚ୍ଛେଦଟି ପଢ଼ି ଉତ୍ତର ବାଛ ।** [୫ x୧= ୫]

ଆମ ଦେଶ ଭାରତବର୍ଷ ଏକ ସ୍ୱାଧୀନ ଦେଶ । ପ୍ରାୟ ଦୁଇ ଶହ ବର୍ଷ ଧରି ଏହା ଇଂରେଜ ସରକାରଙ୍କ ଶାସନ ଅଧୀନରେ ରହିଥିଲା । ବହୁ କଷ୍ଟ ସ୍ୱୀକାର କରି ଭାରତୀୟମାନେ ସ୍ୱାଧୀନତା ପାଇଁ ଆନ୍ଦୋଳନ କରିଥିଲେ । ମହାତ୍ମାଗାନ୍ଧି, ନେହେରୁ, ସର୍ଦ୍ଦାର ପଟେଲ, ଲାଲବାହାଦୁର ଶାସ୍ତ୍ରୀ , ଗୋପବନ୍ଧୁ ଦାସ , ମଧୁସୂଦନ ଦାସ ଆଦି ଅନେକ ମହାପୁରୁଷ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ୧୯୪୭ ମସିହା ଅଗଷ୍ଟ ମାସ ପନ୍ଦର ତାରିଖରେ ଆମେ ପରାଧୀନତାରୁ ନିଜକୁ ମୁକୁଳାଇଲୁ । ନିଜ ଦେଶର ଶାସନ ନିଜେ ଆରମ୍ଭ କଲୁ । ଆମ ଦେଶ ଏକ ଗଣତନ୍ତ୍ର ରାଷ୍ଟ୍ର ହେଲା | ଗଣ ଅର୍ଥ ଲୋକ ଓ ତନ୍ତ୍ର ଅର୍ଥ ବ୍ୟବସ୍ଥା ବା ନିୟମ | ଲୋକମାନଙ୍କ ହାତରେ ଦେଶର ଶାସନ ବ୍ୟବସ୍ଥା ରହିଲା | ଆମ ଦେଶର ଲୋକମାନେ ଭୋଟ୍ ଦେଇ ନିଜର ନେତା ବାଛନ୍ତି । ସେହି ନେତାମାନଙ୍କ ଦ୍ୱାରା ଦେଶ ଶାସିତ ହୁଏ । ରାଷ୍ଟ୍ରର ମୁଖ୍ୟ ମଧ୍ୟ ଲୋକମାନଙ୍କ ଦ୍ୱାରା ପରୋକ୍ଷଭାବେ ନିର୍ବାଚିତ ହୁଅନ୍ତି । ଆମ ଦେଶର ଶାସନରେ ସାଧାରଣ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯାଏ । ଆମ ଦେଶ କାହାର ଅଧୀନ ନୁହେଁ । ଆମେ ସ୍ୱାଧୀନ ଭାରତର ସନ୍ତାନ ଭାବରେ ଏ ଦେଶର ଗୌରବ ରକ୍ଷା କରିବା |

1. କେତେ ବର୍ଷ ଧରି ଆମ ଦେଶ ଇଂରେଜ ସରକାରଙ୍କ ଦ୍ୱାରା ଶାସିତ ହେଉଥିଲା ?

କ. ଏକ ଶହ    ଖ. ଦୁଇ ଶହ    ଗ. ତିନି ଶହ    ଘ. ଚାରି ଶହ

2. ଆମ ଦେଶ କେଉଁ ପ୍ରକାର ରାଷ୍ଟ୍ର ?

କ. ଅଧୀନ    ଖ.ଗଣତନ୍ତ୍ର    ଗ. ସ୍ୱାଧୀନତା    ଘ.ବିଶାଳ

3. ଦେଶର ଶାସନରେ କାହାର ମତାମତକୁ ଗୁରୁତ୍ୱ ଦିଆଯାଏ ?

କ. ସାଧାରଣ ଲୋକ    ଖ. ନେତା    ଗ. ରାଷ୍ଟ୍ରମୁଖ୍ୟ    ଘ. ମୁଖ୍ୟମନ୍ତ୍ରୀ

4. ଆମ ଦେଶ କେବେ ସ୍ୱାଧୀନ ହେଲା ?

କ. ୧୯୪୭ ମସିହା ପନ୍ଦର ତାରିଖ ଖ. ୧୯୪୬ ମସିହା ଅଗଷ୍ଟ ମାସ

ଗ. ଉଣେଇଶଶହ ସତଚାଳିଶ ମସିହା ଗ. ଉଣେଇଶଶହ ସତଚାଳିଶ ମସିହା

5. ପର ର ଅଧୀନ - ଗୋଟିଏ ଶବ୍ଦରେ ପ୍ରକାଶ କର |

କ. ଅଧୀନତା ଖ. ସ୍ୱାଧୀନ ଗ. ପରାଧୀନ ଘ. ପରାଧୀନ ଦେଶ

6. ନିର୍ଦ୍ଧନ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ବାଛ ।

କ.ଧନହୀନ ଖ. ଧନ ଗ.ଧନସମ୍ପତ୍ତି ଘ.ଧନୀ

7. ଧରମା ---------- କରି ମନ୍ଦିରର ଦଧିନଉତି ବସାଇ ଦେଲା । (ଉପଯୁକ୍ତ ଯୋଡ଼ା ଶବ୍ଦଟି ବାଛ)

କ. ଦିନଦିନ ଖ. ମାପଚୁପ ଗ.ବର୍ଷବର୍ଷ ଘ. ଚେଷ୍ଟାକରିକରି

8. ଚିତ୍ର ଦେଖି ଯୋଡ଼ାଶବ୍ଦଟିକୁ ବାଛ ।



କ. ଆକାଶପାଣି ଖ.ସବୁଜଜଙ୍ଗଲ ଗ.ନଦୀନାଳ ଘ.ଦୂରପାହାଡ଼

9. ପିଲାଟି ଭଲ କାମ କରି ---------- ହେଲା । (ପ୍ରଶଂସା ଶବ୍ଦର ନୂଆରୂପ ଲଗାଅ )

କ. ପ୍ରଶଂସିତ ଘ. ଆନନ୍ଦିତ ଗ. ପ୍ରଖ୍ୟାତ ଘ.ପ୍ରତିଭା

10. ଦିଆଯାଇଥିବା ବାକ୍ୟ ମଧ୍ୟରେ କେତୋଟି ଯୋଡ଼ା ଶବ୍ଦ ଅଛି ବାଛି ଲେଖ ?

ଗଛଲତା, ଫୁଲଫଳ, ହାତୀଘୋଡ଼ା, ଦେବଦେବୀ, ମନୁଷ୍ୟ ପ୍ରଭୃତି ମୂର୍ତ୍ତିରେ ମନ୍ଦିରଟି ଝଲମଲ କରୁଥାଏ ।

କ. ଚାରି ଖ. ତିନି ଗ. ଛଅ ଘ. ପାଞ୍ଚ

11. ବିନା ବାଧାରେ –ଗୋଟିଏ ଶବ୍ଦରେ ପ୍ରକାଶ କର ।

କ. ଅବାଧ ଖ. ଅମଙ୍ଗ ଗ. ଅସୁବିଧା ଘ. ବିଧାନ

12 . ଯିଏ ବିବେକ ଖଟାଇ କାମ କରେନାହିଁ , ସେ --- ଗୋଟିଏ ଶବ୍ଦରେ ପ୍ରକାଶ କର |

କ. ସ୍ୱାର୍ଥପର ଖ. ନିସ୍ୱାର୍ଥପର ଗ. ବିବେକୀ ଘ. ଅବିବେକୀ

13 . ନିମ୍ନ ଶବ୍ଦ ମଧ୍ୟରୁ କେଉଁ ବନାନଟି ଠିକ୍ ଅଟେ ।

କ. ଶିଂହାସନ ଖ. ସିହାଂସନ ଗ. ସିଂହାସନ ଘ. ସିହାସନ

14. ଅଲଗା ଶବ୍ଦଟିକୁ ଚିହ୍ନଟ କର ।

କ. ଦରିଆ ଖ. ମୁହାଣ ଗ. ସାଗର ଘ. ସମୁଦ୍ର

15. ବିଚ୍ଛେଦ– ଶବ୍ଦର ବିପରୀତାର୍ଥ ବୋଧକ ଶବ୍ଦ ?

କ. ଏକାଠି ଖ. ମିଳିମିଶି ଗ. ମିଳନ ଘ. ବିଚ୍ଛିନ୍ନ

**ଶୂନ୍ୟ ସ୍ଥାନ ପୂରଣ କର |**

(ମାଲାୟାଲମ୍, ସୂର୍ଯ୍ୟ, ଉଷାକୋଠି, ବଙ୍ଗଳା, ମହୁଲ)

16. ବର୍ଦ୍ଧମାନ ସହର ------------- ରାଜ୍ୟରେ ଅବସ୍ଥିତ ।

17. କେରଳରେ ଲୋକମାନେ --------- ଭାଷାରେ କଥାବାର୍ତ୍ତା କରନ୍ତି ।

18. ବଣି ------------ ଗଛଡାଳରେ ବସିଥିଲା ।

19. ନରସିଂହ ଦେବ ----------- ଙ୍କ ପୂଜା ପାଇଁ ମନ୍ଦିରଟି ତୋଳାଇବାକୁ ଚାହିଁଲେ ।

20. ପଶୁପକ୍ଷୀମାନେ ମଣିଷ ବିରୋଧରେ କରିଥିବା ଅଭିଯୋଗର ବିଚାର ------------ ଜଙ୍ଗଲରେ ଚାଲିଥିଲା ।

21. ତଳ ପଦ୍ୟାଂଶକୁ ସଜାଡ଼ି ଲେଖ ।

1-ଗଛର ଡାଳ 2- ମୋ ମିତ 3-ବଣ ପରା 4-ସରଗ ମୋର

କ. 2,1,3,4 ଖ. 1,2,4,3 ଗ. 3,2,1,4 ଘ. 1,4,3,2

22. ଅଭୟାରଣ୍ୟ ଅର୍ଥ କଣ ବୁଝୁଛ ?- ଠିକ୍ ଉତ୍ତରଟି ବାଛ ।

କ. ସବୁଜ ସୁନ୍ଦର ଜଙ୍ଗଲ ଖ. ବଣ ଜୀବଜନ୍ତୁ ରହିବେ

ଗ. ଯେଉଁ ଜଙ୍ଗଲରେ ପଶୁପକ୍ଷୀ ନିର୍ଭୟରେ ରହିପାରନ୍ତି ଘ. ଚିଡ଼ିଆଖାନା

23. ଉପଯୁକ୍ତ ଶବ୍ଦ ସହ ଯୋଗ କର ।

| | |
|---|---|
| କ. ଭଗ୍ନ | a. ଆକାର |
| ଖ. ରଥ | b. ଅବସ୍ଥା |
| ଗ. ବାନର | c. ଚାହାଣି |
| ଘ. କରୁଣ | d. ସେନା |

କ-a, ଖ-b, ଗ-c, ଘ-d କ-b, ଖ- c, ଗ-d, ଘ-c

କ-b, ଖ-a, ଗ-d, ଘ- c କ-d, ଖ-a, ଗ-b, ଘ- c

24.ମନରେ ତୁମ ଶରଧା ଥାଉ - ଗଦ୍ୟରୂପରେ କଅଣ ହେବ ?

କ. ତୁମପ୍ରତି ମୋର ଶ୍ରଦ୍ଧା ଅଛି ଖ. ତୁମ ମୋର ଶ୍ରଦ୍ଧା ଥାଉ

ଗ. ତୁମ ମନରେ ଥାଉ ସ୍ରଧା ଘ. ତୁମ ମନରେ ଶ୍ରଦ୍ଧା ଥାଉ

25. ବଣଭୂଇଁ ହେଉଛି ଜୀବଜନ୍ତୁଙ୍କ ରହିବା ସ୍ଥାନ। ରହିବା ସ୍ଥାନ ବଦଳରେ କେଉଁ ଶବ୍ଦ ବ୍ୟବହାର କରାଯାଇପାରେ ?

କ. ବାସଗୃହ ଖ. ଆବାସସ୍ଥଳ ଗ.ଉତ୍ତମସ୍ଥାନ ଘ. ଚରିବା ଭୂମି

26 .ଏହାକୁ ଦେଖିବା ପାଇଁ ଲୋକମାନଙ୍କୁ କେଉଁ ରାଜ୍ୟ ଓ କେଉଁ ସହରକୁ ଯିବାକୁ ପଡିବ ?



କ. ଗୁଜୁରାଟ , ଗାନ୍ଧିନଗର ଖ. ଉତ୍ତରପ୍ରଦେଶ, ଆଗ୍ରା

ଗ. ରାଜସ୍ଥାନ , ଜୟପୁର ଘ. ଭାରତ, ଦିଲ୍ଲୀ

27. ମୁଖଶାଳା ଅର୍ଥ - ଠିକ୍ ଉତ୍ତରଟି ବାଛ ।

କ. ଛୋଟ ମନ୍ଦିର ଖ. ନାଟ ମନ୍ଦିର ଗ. ମନ୍ଦିରର ପ୍ରବେଶ ଦ୍ୱାର ଘ. କୋଣାର୍କ ମନ୍ଦିର

28. ଗଛଲତା ଆମର କେଉଁ ସବୁ ଉପକାର କରନ୍ତି ? i. ଚେରଦ୍ୱାରା ବର୍ଷା ବେଳେ ମାଟିକୁ ଧରି ରଖନ୍ତି ii. ଗଛପାଇଁ ବର୍ଷା ହେବା ସମ୍ଭବ ହୁଏ iii. ଅମ୍ଳଜାନ ବାଷ୍ପ ଯୋଗାଇଥାନ୍ତି iv. ଫଳଫୁଲ କାଠ ଆଦି ମିଳିଥାଏ

କ. i, ii, iii ଠିକ୍ iv ଭୁଲ୍ ଖ. i, ii ଠିକ୍ iii , iv ଭୁଲ

ଗ . i ଠିକ୍ ii, iii, iv ଭୁଲ ଘ. i, ii, iii, iv ସବୁ ଗୁଡିକ ଠିକ

29. ମାଆଙ୍କ ସହିତ ଆଉ ଦେଖା ହୋଇପାରିବ ନାହିଁ , ତାଙ୍କୁ ବୁଝାଇ କହିବ ତାଙ୍କ ପୁଅ ଜାତି ପାଇଁ ଜୀବନ ଦେଇଛି - ଏକଥା କିଏ କାହାକୁ କହିଛି ?

କ. ରାଜା ଧରମାକୁ ଖ. ଧରମା ଜାତିଭାଇଙ୍କୁ ଗ. ବିଶୁ ଧରମାକୁ ଘ. ଧରମା ବିଶୁମହାରଣାଙ୍କୁ

30. ବଣ ଅଦାଲତ ସରିବା ପରେ ଅହିରାଜ ବାନ୍ଧି ରଖିଥିବା ମଣିଷ ଦୁଇଟିକୁ ଛାଡ଼ି ଦିଆ|ଗଲା । କାରଣ –

କ. ସେମାନେ ସବୁକଥା ଶୁଣିସାରିଥିବାରୁ ଅନ୍ୟମାନଙ୍କୁ ଯାଇ ସଚେତନ କରିବେ

ଖ. ବଣ ଜଙ୍ଗଲ ପଦାକରି ଜୀବଜନ୍ତୁଙ୍କୁ ହତ୍ୟା କରୁଥିବାରୁ ସେମାନେ ଡରି ଯାଇଥିଲେ

ଗ. ଭବିଷ୍ୟତର ବିପତ୍ତି କଥା ଚିନ୍ତାକରି

ଘ. ସବୁ ଜୀବଜନ୍ତୁ ଏକଥାକୁ ସମର୍ଥନ କଲେ

31. ଫୁଲକୁ କିଏ ସୃଷ୍ଟି କରିଛନ୍ତି ? (ବିଷୟ ଆଧାରରେ ଉତ୍ତର ବାଛ ।)

କ. ପବନ ଖ. ଭଅଁର ଗ. ପରମେଶ୍ୱର ଘ. ମହୁମାଛି

32. ରମେଶ ଭାରତକୁ ଏକ ବିଚିତ୍ର ଦେଶ କହିବାର କାରଣ -

i. ଭିନ୍ନଭିନ୍ନ ରାଜ୍ୟରେ ବିଭିନ୍ନ ଭାଷା

ii .ପୋଷାକପତ୍ର ଖାଦ୍ୟପେୟ ଅଲଗା ଅଲଗା

iii . ଅନେକ ଜାତି ଧର୍ମର ଲୋକ ଏଠାରେ ବାସ କରନ୍ତି

iv. ବିଭିନ୍ନ ରାଜ୍ୟ ର ଲୋକମାନଙ୍କ ଚାଲିଚଳଣି ଅଲଗା ଅଲଗା

କ. iii , iv ଠିକ , କିନ୍ତୁ i , ii ଭୁଲ    ଖ. i, ii, iii ଓ iv ଠିକ

ଗ. i, ii ଠିକ୍ , କିନ୍ତୁ iii ,iv ଭୁଲ    ଘ. i , iii ଠିକ ଓ iv , ii ଭୁଲ

33. ରାଜସ୍ଥାନ ବିଷୟରେ କେଉଁ ବାକ୍ୟଟି ଭୁଲ ନୁହେଁ ?

କ. ଏହା ଆମ ରାଜ୍ୟର ଏକ ବୀରଭୂମି ଅଟେ |

ଖ. ଏଠାକାର ଝିଅମାନଙ୍କ ମୁଣ୍ଡରେ ପଗଡି ସୁନ୍ଦର ମାନିଥାଏ |

ଗ. ମହଲ ଦେଖିବା ପାଇଁ ଏଠାକୁ ଯାତ୍ରୀମାନେ ଆସିଥାନ୍ତି |

ଘ. ଏଠାରେ ବହୁତ କମ ବର୍ଷା ହୁଏ , ତଥାପି ଏଠାକାର ଲୋକମାନେ ଗହମ,ବାଜରା,ଆଦି ଶସ୍ୟ ଫଳାନ୍ତି |

34. ସାହାଯ୍ୟର ସୁଫଳ ବିଷୟରେ କେଉଁ କଥାଟି ଠିକ୍ ନୁହେଁ ?

କ. ଈଶ୍ୱରଚନ୍ଦ୍ର ବର୍ଦ୍ଧମାନ ସହର ଦେଇ ଯାଉଥିଲେ |

ଖ. ବଙ୍ଗଳା ରାଜ୍ୟରେ ମରୁଡ଼ି ପଡ଼ିଥିଲା |

ଗ. ଦୋକାନୀ ଯୁବକ ଜଣକ ଈଶ୍ୱର ଚନ୍ଦ୍ରଙ୍କୁ ଚିହ୍ନିପାରିଲେ ନାହିଁ |

ଘ. ବିଦ୍ୟାସାଗରଙ୍କ ସାହାଯ୍ୟ ପାଇ ପିଲାଟି ଫଳ ଦୋକାନୀର ମାଲିକ ହୋଇପାରିଥିଲ |

35. ମନ୍ଦିର ନିର୍ମାଣରେ ବାର ବର୍ଷର ରାଜସ୍ୱ ଖର୍ଚ୍ଚ ହୋଇଥିଲା | - ଏଠାରେ ରାଜସ୍ୱ ଶବ୍ଦର ଅର୍ଥ କଅଣ ?

କ. ଖଜଣା    ଖ. ବିଭବ    ଗ. ଶାସନ    ଘ. ସମ୍ପତ୍ତି

36. ଆମେ ଦୁଃଖୀରଙ୍କିକୁ ସାହାଯ୍ୟ କରିବା ଅନୁଚିତ ।

(i) ଠିକ୍    (ii) ଭୁଲ୍

37. କୁନା ବଣିକୁ ରୁପା ପଞ୍ଜୁରିରେ ରଖିବ ବୋଲି କହିଲା ।

(i) ଠିକ୍    (ii) ଭୁଲ୍

38. ମଣିଷ ଗଛଲତାଙ୍କ ଉପରେ କୁଠାରଘାତ କରୁଛି । କୁଠାରଘାତ ଅର୍ଥ କୁରାଢିରେ ହାଣିବା ।

(i) ଠିକ୍    (ii) ଭୁଲ୍

39. ବିଦ୍ୟାସାଗର ପିଲାଟିକୁ ଟଙ୍କାଟିଏ ବଦଳରେ ପଇସାଟିଏ ଦେଲେ |

(i) ଠିକ୍    (ii) ଭୁଲ୍

40. ଉତ୍କଳ ଏକ୍ସପ୍ରେସ ଗାଡ଼ି ଯେଉଁ ସାତଟି ରାଜ୍ୟ ଦେଇ ଯାଇଥାଏ, ସେଥି ମଧ୍ୟରୁ ମଧ୍ୟପ୍ରଦେଶ ଅନ୍ୟତମ |

(i) ଠିକ୍    (ii) ଭୁଲ୍